ଓଡିଶା ସରକାର

ବୈଦ୍ୟୁତିକ ଅନୁଜ୍ଞାପତ୍ର ମଣ୍ଡଳୀ, ଓଡିଶା

ସର୍ବୋଚ୍ଚ ଯନ୍ତ୍ରୀ-ତଥା-ପ୍ରମୁଖ ବୈଦ୍ୟୁତିକ ନିରୀକ୍ଷକ, ଓଡିଶା

ତୃତୀୟ ମହଲା, ବିଭାଗୀୟ ମୁଖ୍ୟ ଭବନ

ଭୁବନେଶ୍ୱର- ୭୫୧୦୦୧

ଦୂରଭାଷ- ୦୬୭୪-୨୩୯୪୫୭୨

****

ସୂଚନା

ସଂଖ୍ୟା: ୧୦୦୨ ଦିନାଙ୍କିତ: ୨୮.୦୭.୨୫

ଏତଦ୍ ଦ୍ୱାରା Workman (EHT) Permit ପରୀକ୍ଷା–୨୦୨୫ ର ସମସ୍ତ ପରୀକ୍ଷାର୍ଥୀ ମାନଙ୍କୁ ଅବଗତ କରାଯାଉଛି ଯେ ଏହି ପରୀକ୍ଷାର ପରିଣାମ (Result) ତା. ୨୫.୦୭.୨୦୨୫ ରିଖ ଦିନ ପ୍ରକାଶିତ ହୋଇସାରିଛି ।

ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ ମାନଙ୍କ ତାଲିକା ସର୍ବୋଚ୍ଚ ଯନ୍ତ୍ରୀ ତଥା ପ୍ରମୁଖ ବୈଦ୍ୟୁତିକ ନିରୀକ୍ଷକଙ୍କ ଅଧିକୃତ ୱେବସାଇଟ୍ www.eicelectricityodisha.nic.in ରେ ଉପଲବ୍ଧ ଅଛି ।

ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ ମାନେ ନିଜ edistrict Account (ଯାହା ମାଧ୍ୟମରେ ଆବେଦନ ଦାଖଲ କରାଯାଇଥିଲା) ରେ ଲଗଇନ୍ କରି, Track Application Status ବିକଳ୍ପ ଚୟନ କରି ଆବେଦନ ଦାଖଲ ତାରିଖ ଅନୁଯାୟୀ ତଥ୍ୟ ଦେଖି, ଆବଶ୍ୟକ ଅନୁଜ୍ଞାପତ୍ର ପାଇଁ ଦେୟ (iicense issuance fee) ପୈଠ କରି ପରବର୍ତ୍ତୀ ପ୍ରକ୍ରିୟା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ।

ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ:

ଅନୁଜ୍ଞାପତ୍ର ପାଇଁ ଦେୟ (license issuance fee) କେବଳ edistrict.odisha.gov.in ୱେବସାଇଟ୍ ମାଧ୍ୟମରେ ଲଗ ଇନ୍ କରି ପୈଠ କରିବାକୁ ନିର୍ଦ୍ଦେଶ ଦିଆଗଲା । ଯଦି ଦେୟ ପୈଠ କରିବା ପରେ ସ୍ୱୀକୃତି ପତ୍ର (Acknowledgement Slip) ପ୍ରାପ୍ତ ହୁଏନାହିଁ ତେବେ ପୈଠ ପୁନଃବୈଧକରଣ (Revalidate Payment) ବିକଳ୍ପ ବ୍ୟବହାର କରନ୍ତୁ ।

ଅନ୍ୟ କୌଣସି ମାଧ୍ୟମରେ ଦେୟ ହୋଇଥିବା ରାଶି ଗ୍ରହଣ କରାଯିବ ନାହିଁ ଏବଂ ଏହା ବାତିଲ୍ ହୋଇଯିବ ।

ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ -ତଥା –ସଚିବ,

ବୈଦ୍ୟୁତିକ ଅନୁଜ୍ଞାପତ୍ର ମଣ୍ଡଳୀ, ଓଡିଶା